କର୍ଣ୍ଣଙ୍କ ଜନ୍ମ
ଦୁର୍ଭାସାଙ୍କ ବଚନ ୟେସନେକ ଶୁଣି
ବିଚାର କରଇ ସେ କୁନ୍ତଭୋଜର ଦୁଲଣୀ । ୧ ।
ୟେ ମହାଯତି ଯେବେ ମାଳା ଦେଇ ଗଲେ ମୋତେ
ୟେଥିର ତଦନ୍ତ ମୁଂ ଜାଣିମି କେମନ୍ତେ । ୨ ।
ଯମୁନା କୂଳେ ଦେବୀ ଶାଳପତ୍ର ଶେଜ୍ୟା ଗୋଟି କଲେ
ମେରୁ ପୃଷ୍ଠ ହୁଅନ୍ତେ କରତାର ସୁମରିଲେ । ୩ ।
ଅନ୍ତରୀକ୍ଷେ ଦେବ କରତାର ଆସନ କ ିଲା
ଦୁର୍ଭାସାଙ୍କ ମହାମନ୍ତ୍ର ସେ କୋଇନ୍ତା ସୁମରିଲା । ୪ ।
ମୁଂ ୟେହା ବଞ୍ଚାଇ ନ ଯିବି କେମନ୍ତେ
ବିଜୟେ ବିରଞ୍ଚି ନାରାୟଣ କୋଇନ୍ତାଙ୍କ ଶେଜ୍ୟାଗତେ । ୫ ।
କୋଇନ୍ତାକୁ କରତାର ଧଇଲେ ନିଜ କୋଳେ
ମୁଖେ ଚୁମ୍ବନ ଦେଲେ ମଦନ ରସ ଭୋଳେ । ୬ ।
କରପତ୍ର ଯୋଡିଣ ବୋଇଲେ ଭୋଜର କୁମାରୀ
କେ ଟି ତୁ ମହାତମା ମୋତେ ବଳାତ୍କାର କରି । ୭ ।
ବୋଲନ୍ତି ଆରେ ମୁହିଂ ସେ କରତାର ବିରଞ୍ଚି ନାରାୟଣ
ଋଷିଙ୍କର ମହାମନ୍ତ୍ରେ ମୋତେ କଲୁ ସୁମରଣ । ୮ ।
ୟେବେ ମୋତେ ଶୃଙ୍ଗାର ଦେବୁ ନା ରେ ବାଳୀ
ଅନେକ ବାଗେ ତାକୁ କଟାଳ କଲେ ଅଂଶୁମାଳୀ । ୯ ।
କୋଇନ୍ତାୟେ ବୋଇଲେ ମୁଂ ଅବିଭାଇ ଅଟଇ ଅରଜବତୀ
ତୁ ଦିଗପାଳ ହୋଇ ମୋତେ କରୁଛୁ ଅନୀତି । ୧୦ ।
ଦିନକରନାଥ ବୋଇଲେ ତୁ ମନ୍ଦକୃତ କଲୁ
ଅଲାଗି ବାମା ହୋଇ ମୋତେ କିଂପେ ସୁମରିଲୁ । ୧୧ ।
ଭୋ କରତାର ମୁଂ ସୁମରିଲି ଋଷି ବିଦ୍ୟା ପରୀଖ ନିମନ୍ତେ
ସୁଗ୍ୟାନୀ ନାଥ ତୁ ମୋତେ ହରିବୁ କେମନ୍ତେ । ୧୨ ।
ବିରଞ୍ଚି ବୋଇଲେ ଦୁର୍ଭାସାଙ୍କର ମହାମନ୍ତ୍ର କେହୁ ମେଣ୍ଟି
ଅବଶ୍ୟ ପ୍ରାଣ ହାରିବ ମୂର୍ଦ୍ଧନା ଯାଇ ଫାଟି । ୧୩ ।
ତୁ ମୋତେ ସୁମରଣା କଲୁ ନ ବିଚାରି
ରମଣ ନ କଲେ ମୁଂ ତ ନ ଯାଇ ବାହୁଡି । ୧୪ ।
ଯମୁନା ନଦୀତୀରେ ଗହନ ଅଟବ୍ୟା
କୋଇନ୍ତାକୁ ଶୃଙ୍ଗାର ଇଛିଲେ କରତା ଆଦିଦେବା । ୧୫ ।
ଶାନ୍ତି ମୂର୍ତ୍ତି ହୋଇଣ ଯେ କମଳଲୋଚନ
ଇନ୍ଦ୍ରି ବଢାଇଲେ ଯେ ଭଗର ସମାନ । ୧୬ ।
ଅଖଳିତ କନ୍ୟା ସେ ଅଟଇ ସୂଚୀଭେଦ
ସୂଚୀନାଡ ସ୍ୱରୂପେଣ ଉପସ୍ଥ କଲେ ଦେବ । ୧୭ । Knowledge of intercourse
ବିବସନସାହୀ ସେ ହୋଇଣ ଦେବା ଦେବୀ
ଅଗ୍ୟାଂନ ବାଳ ସ୍ତିରୀ ସେ କାମେଣ ଅଭାବି । ୧୮ ।
କିଞ୍ଚିତ ଶୃଙ୍ଗାର ସେ କଲେ କରତାରେ
ବାହୁଡି ନ ଗଲେ ଦେବ ଦୁର୍ଭାସାଙ୍କ ମନ୍ତ୍ରତରେ । ୧୯ ।
ବୀର୍ଯ୍ୟ ପତନ କାଳରେ ସେ ଭୋଜର କୁମାରୀ
ବଇକୁଲ୍ୟ ହୋଇ ଦେବୀ ଅନେକ ବିନୟ କରି । ୨୦ ।
ଭୋ କରତାର ନାଥ ନ ଛାଡ ତୋର ବୀର୍ଯ୍ୟ
ଅମୋହ ରେତ ଦେବ ମୋହୋର ଗର୍ଭେ ରହିବ ଆତ୍ମଜ । ୨୧ ।
ଅବିଭାଇତ କନ୍ୟା ଆବର ଅରଜବତୀ
ଆବର ଗର୍ଭେ ମୋହୋର ରହିବ ସନ୍ତତି । ୨୨ ।

---------

୧୭ ସୂଚିନାଡ ସମାନେ କଲେକ ସଂଯୋଗ ।
ସୂଚୀର ପ୍ରମାଣେ ଇନ୍ଦ୍ରି କଲେ ବିରଞ୍ଚି ଦେବ ।।
୧୮ ।୧ ବିବସନସାହୀ-ବିବସନଶାୟୀ ।

ପିତାର ବଦନ ମୁଂ ଚାହିବି କେମନ୍ତେ
ଆବର ପ୍ରଦାନ କେ ହୋଇବାକ ମୋତେ । ୨୩ ।
ଉଭୟ କୁଳକୁ ଉପୁଜିବ ବହୁତ ଲାଜ
ଅନୁଗ୍ରହ କରି ଦେବ ଗର୍ଭେ ନ ଛାଡ ତୋ ବୀର୍ଯ୍ୟ । ୨୪ ।
ଦିନକର ନାଥ ବୋଇଲେ ଗୋ ରତିରଂଗ କଲେ
ଲିଙ୍ଗ ଭଙ୍ଗ ଦୋଷ ହୋଅଇ ବୀର୍ଯ୍ୟ ନ ଛାଡିଲେ । ୨୫ ।
କୋଇନ୍ତା ବୋଇଲେ ଯେବଣ ବୀର୍ଯ୍ୟ ତୁ ଛାଡିବୁ ଦିନକର
ସଇନ୍ଦୁ ଉତପତ୍ତି ହୋଉ ଯେ କୁମର । ୨୬ ।
କୋଇନ୍ତାଙ୍କର ବଚନ ଶୁଣିଣ ବିରଞ୍ଚି
ଢାଳିଲା ମହାରେତ ଗର୍ଭେଣ ନ ସଞ୍ଚି । ୨୭ ।
ବୀର୍ଯ୍ୟ ପତନ କାଳେ ଦେବୀ ଗାଢେଣ କୋଳ କଲା
ଅନେକ ରଙ୍ଗେ ସ୍ୱାମୀ ଶୃଙ୍ଗାର ରସ ଦିଲା । ୨୮ ।
ଉପସ୍ଥ ଘୋଟିଲା କୋଇନ୍ତାଙ୍କର ଗର୍ଭଗତେ
ବିରଞ୍ଚି ବୋଇଲେ ପୁତ୍ର ଜାତ ହୋଉଛି ଟି ତୋତେ । ୨୯ ।
କୋଇନ୍ତା ବୋଇଲେ ଭୋ ଦେବ ଭବଦ୍ୱରୁ ଜାତ ନ ହୋଉ ସନ୍ତତି
ଭବ ଗଳନ୍ତେ ମୁଂ ଯେ ହୋଇବି ଅସତୀ । ୩୦ ।
କୁଳକୁ ଦୂଷିତ କଲି ଯେ ମୋହୋର ଦୁହିତା ପଣେ
ବିକଳ ଦେଖି ଦୟା କଲେ ବିରଞ୍ଚି ନାରାୟଣେ । ୩୧ ।
କର୍ଣ୍ଣ ଦ୍ୱାରେ ବୀର୍ଯ୍ୟ ଯେ ଟେକିଲେ ଉଜାଣି
ୟେସନେକେ ଅଛି ସେ ପୂର୍ବରୁ ନିର୍ବାଣି । ୩୨ ।

-------

୨୬ ।୨ ସଦ୍ୟ ଉତପତ୍ତି ପୁତ୍ର ହୋଇବ ତୋହୋର ।
୩୧ ।୧ କୁଳକୁ ଦୂଷିତ କଲି ମୋହୋର ମନ୍ଦ ପଣେ ।
୩୧ କର୍ଣ୍ଣ କତି ବୋଲି ବୀର୍ଯ୍ୟ ଟେକିଲେ ଉଜାଣ ।
ଯେହ୍ନେ ସେ ଅଛଇ ପୂର୍ବର ଭିଆଣ ।।
୩୨ ।୨ "ୟେସନେକେ……ନିର୍ବାଣି" ପାଦାନ୍ତ ପରେ ଅଧିକା ପାଠ:-
ସଇନ୍ଦୁ ଜାତ ହୋଇ ବାହାର ହୋଇଲାକ କର୍ଣ୍ଣେ ।
ଉତପତ୍ତି ହୋଇଲା ଦୂତୀ ଇନ୍ଦ୍ର ଯେହ୍ନେ ।।
୩୨ ।୨ ନିର୍ବାଣି-ନିର୍ମାଣି ।

ମହା ଅମୋହ ରେତ ଅକ୍ଷୟ ସେ ବୀର୍ଯ୍ୟ
କର୍ଣ୍ଣ ବାଟେ ସଇନ୍ଦୁ ଉପୁଜିଲା ଆତ୍ମଜ । ୩୩ ।
ଦେଖିଣ ପରମ ସାନନ୍ଦ ହୋଇଲେ କମଳଲୋଚନ
କୋଳକରି ନାମ ଦେଲେ ତାହାର ବୀର କର୍ଣ୍ଣ । ୩୪ ।
କର୍ଣ୍ଣେଣ ଚାପିଲେ ସ୍ୱାମୀ ଅମୃତ କୁଣ୍ଡଳ ବେନି
ତାଳୁରେ ଗୋପ୍ୟାନ କଲେ ଅମୃତ ଅଭେଦ କପଟ ମଣି । ୩୫ ।
ଶରୀରେ ଲେପନ କଲେ ବଜ୍ର ଯେ ଛଉରି
କର୍ଣ୍ଣେଣ କୁମରର ମହାବ୍ରହ୍ମ ମନ୍ତ୍ର ପଢି । ୩୬ ।
ଆକୁଞ୍ଚିତ କେଶ ରସାଣିଲା ପାଟିଆ କପାଳ
ଖଗେଶ୍ୱର ଚଞ୍ଚୁ ନାସା ସୁନ୍ଦର ଗଣ୍ଡସ୍ଥଳ । ୩୭ ।

ଶାର୍ଦ୍ଦୁଳ ଆକର୍ଷଣ ଦିଶଇ ଶରୀର ସରୋଜ
ହସ୍ତୀର ଥୋର ହସ୍ତ ଜିଣି ଦିଶଇ ବେନି ଭୁଜ । ୩୮ ।
ଆରକ୍ତ ବେନି ଲୋଚନ ବିରାଜିତ ବେନି ନେତ୍ର
କନକ କନ୍ଧ ପଟଳ ଯେହ୍ନେ ପର୍ଣ୍ଣ ପର୍ବତ । ୩୯ ।
ଅଫୁଟ ଚ- ।କଢି ଜାଣି ଦିଶଇ ଅଙ୍ଗୁଷ୍ଠି
ଉଲଟ କଦଳୀ ଜାନୁ ଯେସନ ସୁନ୍ଦର ଗୋଟି । ୪୦ ।
ସୁନ୍ଦର ସୁସଞ୍ଚ ଅତୁଳାୟିତ ବଳା
ଅନଙ୍ଗ ସୁନ୍ଦର ଜାଣି ତେଜ ଅନର୍ଗଳା । ୪୧ ।
ନାନା ଶହସ୍ର ତୋର ଶରୀରେ ନ ଫୁଟୁ
କୋନ୍ତ ପରଶୁ କୃପାଣ ତୋ ଶରୀରେ ନ କାଟୁ । ୪୨ । impervious body
ରଣେ ଅଭୟ ତୁ ହୁଅସି ରେ କୁମର
ଦାନେଣ ସାହେର ତୁ ହୋଅସି ମହାବୀର । ୪୩ ।

---------

୩୬ ।୨  କର୍ଣ୍ଣରେ କୁମରର ମହାମନ୍ତ୍ର ସ୍ୱରି ।
୪୦ ।୨  ଆରୋହଣ ଜାନୁ ଯେହ୍ନେ ଚଞ୍ଚଳ ମୁଦ୍ରା ଗୋଟି ।
ଜଘଂ ଜାନୁ ଯେହ୍ନେ ସୁବଳିତ ସୁନ୍ଦର ଗୋଟି ।
୪୩ ।୨  ଦାନେଣ ସାଚା ତୁ ହୁଅ ରେ ମହାବୀର ।
୪୪ ।୨  ତ୍ରୈଲୋକ୍ୟେ ଜିଣନ୍ତା ହୋଇ ତୁ ସାଂଗ୍ରାମ କର ବାବୁ ।
୪୩ ।୨  ସାହେର-ସାଗର ।

ଯେତେବେଳେ ପରିଯନ୍ତେ ତୁ ରଥରେ ବସିଥିବୁ
ତ୍ରୈଲୋକ୍ୟେ ଜିଣନ୍ତା ତୋତେ ସାଂଗ୍ରାମେ ନୋହୁ କେ ରେ ବାବୁ । ୪୪ ।
ଅନେକ ବିଦ୍ୟା ତାକୁ ଦେଇଣ ମାରତଣ୍ଡ
ଉଦୟ ଗିରି ଭେଦି ବିକାଶିଲେ ଉଦ୍ଦଣ୍ଡ । ୪୫ ।
କୁମର କୋଳେ ଧରି ସେ ଭୋଜର କୁମାରୀ
କିସ ବୁଦ୍ଧି କରିବି ବୋଲିଣ ମନରେ ବିଚାରି । ୪୬ ।
ଯେ ସୁସଞ୍ଚ ପୁତ୍ର ଗୋଟିକି ମୁଂ କେମନ୍ତ କରିବି
ପିତା ମାତା ଛାମୁରେ ମୁଂ କି ବୋଲି ବୋଲିବି । ୪୭ ।
ଅବଶ୍ୟ ପଚାରିବେ ମୋତେ ବାଳୁତ ପୁତ୍ରକଇ ଦେଖି
ବୋଲିବେ କାହୁଂ ପାଇଲୁ ତୁ ଯେ ପୁତ୍ର ଗୋଟିକି । ୪୮ ।
ମାତା ପିତାଙ୍କ ଆଗରେ ମୁଂ କେମନ୍ତେ କହିବି ମିଥ୍ୟା
ସତ କହିଲେ ତ ହୋଇବ ଲଜ୍ୟା ଅପ୍ରମିତା । ୪୯ ।
ପରଦାରାୟେଣୀ ବୋଲି କେହି ପ୍ରଦାନ ନୋହିବେ
ସମସ୍ତେ ହେଂ ଦୁର୍ଭାସା ଋଷିଙ୍କି ଦୋଷ ଦେବେ । ୫୦ ।
ବୋଲିବେ ମୁନିଙ୍କ ସଂଗେ ଯେ ଥିଲାକ ସମୟେ
ଦୁର୍ଭାସାଙ୍କର ରମଣେ ଯେ ଉପୁଜିଲା ତନୟେ । ୫୧ ।
ଯେ ଜପାମାଳୀ ଥିଲେ କାହିଂକି ମୋର ଭୀତି
ଅନେକ ବାଗେ ମୁଂ ଯେ କରିବି ପୁତ୍ର ଉପପତ୍ତି । ୫୨ ।
କରେଣ ଘେନି ଦେବୀ କର୍ଦ୍ଦମ ଲୋଚିୟେ
ଆପଣେ ଗଢିଲେ ଦେବୀ ମଂଜୁଷ ଗୋଟିୟେ । ୫୩ ।
ତହିଂର ଭିତରେ ସେ ପୁତ୍ରକଇ ଭରି
ଯମୁନା ନଦୀକଇ ସେ ଦେଲେ ଫିଙ୍ଗି କରି । ୫୪ ।
ପ୍ରତକ୍ଷେ ବାଳ ଆଦିତ୍ୟ ପ୍ରାୟେ ତେଜ ଯେବଣ ତନୟେ
କର୍ଣ୍ଣର ତେଜ ଲାଗି କର୍ଦ୍ଦମ ହୋଇଲା ସୁବର୍ଣ୍ଣ ମଞ୍ଜୁଷର ପ୍ରାୟେ । ୫୫ ।
ଯମୁନା ନଦୀରେ ସେ ଗଲା ଉପୁଚିଆଇ

ଈଶାନ୍ୟ ମୁଖ ହୋଇ ଯାଇଛି ହେଠ ବୁଡ ହୋଇ । ୫୬ ।
ବାରୁଣାବନ୍ତ ତହିଁ ପଞ୍ଚତିରିଶ ଯୁଣ
ସେ ମଂଜୁଷ ଲାଗିଲା ଯାଇ ଉତ୍ତରାଙ୍କ କୋଣ । ୫୭-୧୪୭୮ ।

-------------

୪୭ ।୨ ପିତା ମାତା ମୁଖ ମୁ କେମନ୍ତେ ଚାହିଁବି ।

୫୪ ।୨ ଯମୁନା ନଦୀକି ପିଙ୍ଗି ଦେଲେ ଲୋଚି କରି ।

୫୫ ।୨ ପୁତ୍ରର ତେଜ ଲାଗି କର୍ଦ୍ଦନ ହୋଇଲା ସୁବର୍ଣ୍ଣ ମଂଜୁଷା ପ୍ରାୟେ । ।
କର୍ଦ୍ଦମ ସ୍ଥାନରେ କେତେକ ପୋଥିରେ କର୍ଦ୍ଦନ ଅଛି ।

୫୬ ।୨ ହେଠ-ଅଧ